# Akashvani, Sambalpur

## SAMBALPURI NEWS EVENING BULLETIN

## 13 March 2025- 7.02 pm- 7.12 pm.

*********************************************

୧- ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍ ଲାଗି ୨ ହଜାର୍ ୫ ଶହ ୧୨ କୋଟିନୁ ଅଏତ୍‌କା ଟଙ୍କାର ଖର୍ଚ୍ଚା ଦାବି ବିଧାନ୍‌ସଭା ନ ହେଲା ଉପସ୍ଥାପନ୍ ।

୨- ବିଶ୍ୱ ଅଡ଼ିଓ ଭିଜୁଆଲ୍ ମନୋରଞ୍ଜନ୍ ଶିଖର୍ ସମ୍ମିଳନୀ ୱେଭ୍‌ସ୍‌କେ ନେଇକରି ନୂଆଦିଲ୍ଲୀ ଠାନେ ଚାଲିଛେ ଶହେ ନୁ ଅଏତ୍‌କା ଦେଶର୍ ରାଷ୍ଟ୍ରଦୂତଙ୍କର୍ ସାଙ୍ଗେ ଆଲୋଚନା ।

୩- ରାଏଜେ ଆଏବା ୩୦ ତାରିଖ୍‌ନୁ ମୁଲ୍ ହେବା ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା ।

ଆଉର୍

୪- ବାହାର୍‌ଲା ଓଡ଼ିଶା ଜୁଡ଼ିସିଆଲ୍ ସାର୍ଭିସ୍-୨୦୨୩ ପରୀକ୍ଷାଫଲ୍ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍‌ର ୫ ନମ୍ବର୍ ଦିନେ ଆଏଜ୍ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ଗୃହ ନ ଜବର୍ କିର୍ଲାରଡ଼ା ହେବାର୍‌ନୁ ଗୃହ କାର୍ଯ୍ୟ ବାର୍‌ବାର୍ ବାଧାପ୍ରାପ୍ତ ହେଇଥିଲା । ବାର୍‌ବାର୍ ମୁଲ୍‌ତବୀ ହେଇକରି ଉପର୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ଖର୍ଚ୍ଚ ଦାବି ଉପ୍‌ରେ ଆଲୋଚନା ହେଇଥିଲା । ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ନିଜର୍ ବିଭାଗ୍ ଲାଗି ୨ ହଜାର୍ ୫ ଶହ ୧୨ କୋଟି, ୯ ଲାଖ୍ ୭୬ ହଜାର୍ ଟଙ୍କା ଖର୍ଚ୍ଚା ଦାବି ଆଗତ୍ କରିଥିଲେ । ଦାବି ଉପ୍‌ରେ ବିଜେଡ଼ି ବିଧାୟକ୍ ତୁଷାର୍‌କାନ୍ତି ବେହେରା ଆଲୋଚନା ମୁଲ୍ କରିକରି ଖର୍ଚ୍ଚ ଦାବିକେ ବିରୋଧ୍ କରିଥିଲା ବେଲେ ବିଜେପି ବିଧାୟକ୍ ଭାସ୍କର୍ ମଢ଼େଇ ଆର୍ ଅଲ୍‌ଗାମାନେ ଇତାକେ ସମର୍ଥନ୍ କରିଥିଲେ । ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା ହେଇଥିଲା ।

ଆଏଜ୍ ସଖାଲ୍‌ବେଲା ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାର୍ ପୋଲାଭରମ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା ଦାବି କରି ବିଜେଡ଼ି ସଦସ୍ୟମାନେ ଜୋର୍ ହଲ୍ଲା କର୍‌ବାର୍‌ନୁ ପହେଲା ଖେପେ ବାଚସ୍ପତି ସୁରମା ପାଢ଼ୀ ଗୃହକେ ୧୦ ବାଜିକରି ୩୪ ମିନିଟ୍‌ନୁ ସାଢ଼େ ୧୧ ବଜେତକ୍ ମୁଲ୍‌ତବୀ ରଖିଥିଲେ । ଗୃହ କାର୍ଯ୍ୟ ମୁଲ୍

ହେଲା ଉତ୍ତରୁ ଫେର୍ ବିଜେଡ଼ି ବିଧାୟକ୍‌ମାନେ ଗୃହ ମଝିକେ ଆସିକରି ପ୍ରସଙ୍ଗକେ ନେଇକରି କିର୍ଲାରଡ଼ା କରିଥିଲେ ।

ବାଚସ୍ପତି ସମ୍‌କୁ ନିଜର୍ ଆସନ୍ ମାନ୍‌କୁ ଫିରିଯିବାର୍‌କେ କହିଥିଲେ । କିର୍ଲାରଡ଼ା ନାଇଁ ବନ୍ଦ୍ ହେବାର୍‌ନୁ ବାଚସ୍ପତି ଫେର୍‌ଘାଏ ୧୧ ବାଜିକରି ୩୦ ମିନିଟ୍‌ନୁ ୧୨ ବାଜିକରି ୧୫ ମିନିଟ୍‌ତକ୍ ଆଉ ଫେର୍ ୧୨ ବାଜିକରି ୧୫ ମିନିଟ୍‌ନୁ ସାଢ଼େ ୧୨ ବଜେତକ୍ ଗୃହକେ ମୁଲ୍‌ତବୀ ରଖିଥିଲେ । ସେଆଡ଼େ କଂଗ୍ରେସ୍ ବିଧାୟକ୍‌ମାନେ ଆଏଜ୍ ଭିଲ୍ ବିଧାୟକ୍ ତାରା ପ୍ରସାଦ୍ ବାହିନୀପତିଙ୍କର୍ ନିଲମ୍ବନ୍ ପ୍ରତିବାଦ୍ ଆର୍ ନାରୀ ସୁରକ୍ଷା ଲାଗି ଗୃହକମିଟି ଗଠନ୍ ଉପ୍‌ରେ ବାଚସ୍ପତିଙ୍କୁ ନିବେଦନ୍ କରିଥିଲେ । ହୋହଲ୍ଲା ଆଉ ବିଶୃଙ୍ଖଲା ଲାଗି ରହେବାର୍‌ନୁ ବାଚସ୍ପତି ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ବିଧାନ୍‌ସଭା-୧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ୩୧ ଟା ବଡ଼ ଆଉ ମଧମ୍ ଜଲ୍‌ସେଚନ୍ ପ୍ରକଳ୍ପ, ୨୭ ବେରେଜ୍ ପ୍ରକଳ୍ପ, ୭୨ ଟା ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ ଆର୍ ୭୯ ଟା କ୍ଷୁଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ତିଆରି ଲାଗି ସର୍‌କାର୍ ପ୍ରସ୍ତାବ୍ ରଖିଛନ୍ ବଲି ସଂସଦୀୟ ବ୍ୟପାର୍ ମନ୍ତ୍ରୀ

ମୁକେଶ୍ ମହାଲିଙ୍ଗ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍, ଇ ସବୁ ନୂଆ ପ୍ରକଳ୍ପ ଲାଗି ୮୪ ହଜାର୍ ୨ ଶହ ୪୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛେ । ନୂଆଁ ପ୍ରକଳ୍ପମାନ୍‌କର୍ ତିଆରି ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ମିଶିକରି ଖର୍ଚ୍ଚା କର୍‌ବେ । ଇହାଦେ ରାଏଜେ ୧୫ ଟା ବଡ଼୍, ୫୬ ଟା ମଧମ୍, ୪ ହଜାର୍ ୨ ଟା ଛୋଟ୍ ଜଲ୍‌ସେଚନ୍ ପ୍ରକଳ୍ପ ଚାଷ୍ କାମ୍‌ଥି ଲାଗିଛେ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ବିଧାନ୍‌ସଭା-୩ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଗଲା ବଛ୍‌ରେ ଭିତ୍‌ରେ ସଡ଼କ ସୁରକ୍ଷା ସଚେତନ୍‌ତା ଲାଗି ୧ କୋଟି ୮୯ ଲାଖ୍ ୬୬ ହଜାର୍ ନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କରିଛନ୍ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଜେନା କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ଗଲାବଛ୍‌ରେ ଭିତ୍‌ରେ ସଡ଼କ୍ ଦୁର୍ଘଟଣାଥି ରାଏଜେ ୫ ହଜାର୍ ୪ ଶହ ୩୩ ଝନ୍‌କର୍ ଜୀବନ୍ ଯାଇଛେ । ସଡ଼କ୍ ସୁରକ୍ଷା ମାସେ ୫ ଶହ ୫ ଝନ୍‌କର୍ ଜୀବନ୍ ଯାଇଥିଲା ବେଲେ ୮ ଶହ ୪୮ ଟା

ଦୁର୍ଘଟଣାଥି ୪ ଶହ ୭୨ ଝନ୍ ଖଁଡ଼ିଆ ଖାବ୍ରା ହେଇଥିଲେ ବଲି ମନ୍ତ୍ରୀ କହିଛନ୍ ।

ବିଧାନ୍ସଭା-୪ ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ଇହାଦେ ୨୦ ହଜାର୍ ୪ ଶହ ୩୫ ଏକଡ୍ ଅନାବାଦୀ ଜମି ଜବର୍ଦଖଲ୍ଥି ରହିଛେ ବଲି ବିଧାୟକ୍ ଟଙ୍କଧର୍ ତ୍ରିପାଠୀଙ୍କର୍ ପ୍ରଶ୍ନର୍ ଉତର୍ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ବିଧାନସଭା ନ କହିଛନ୍ । ଯାଜ୍ପୁର୍ ଜିଲ୍ଲା ନ ସବୁନୁ ଜହ ୭ ହଜାର୍ ଶହେ ୬୦ ଆଉ ସମ୍ବଲ୍ପୁର୍ ନ ୪ ହଜାର୍ ୪ ଶହ ୩ ଏକଡ୍ ଅନାବାଦୀ ଜମି ଜବର୍ଦଖଲ୍ଥି ରହିଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ୱେଭ୍ସ୍ ପି.ଆଇ.ବି.

କେନ୍ଦ୍ର ସର୍କାର୍ ମୁମ୍ବାଇ ଠାନେ ମେ ୧ ନୁ ୪ ତାରିଖ୍ତକ୍ ହେବାର୍କେ ଥିବା ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆର୍ ମନୋରଞ୍ଜନ୍ ଶିଖର୍ ସମ୍ମିଳନୀ - ୱେଭ୍ସ୍କେ ବ୍ୟାପକ୍ କର୍ବାର୍କେ ଲକ୍ଷ୍ୟ ରଖିଛନ୍ । ଇତାର୍ ଆଘୋନୁ ୱେଭ୍ସ୍

ବାବ୍‌ଦେ ଜନାବାର୍ ଲାଗି ଆଏଜ୍ ନୂଆଦିଲ୍ଲୀ ନ ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଏସ୍.ଜୟଶଙ୍କର୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ -ଶହେ ନୁ ଅଏତ୍‌କା ଦେଶର୍ ୩ ଶହ ନୁ ଅଏତ୍‌କା ରାଷ୍ଟ୍ରଦୂତ ଆର୍ ଉଚ୍ଚାୟୁକ୍ତ ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଅଡ଼ିଓ ଭିଜୁଆଲ୍ ଆର୍ ମନୋରଞ୍ଜନ୍ କ୍ଷେତ୍ରଥି ଆଏଜ୍ ପୁର୍‌ଥି ଜୋର୍‌ସେ ବଦ୍‌ଲୁଛେ । ଇତାକେ ନଜର୍‌ଥି ରଖିକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଟେଂଟ୍ କ୍ରିଏଟର୍‌ମାନ୍‌କର୍ ଲାଗି ଗୁଟେ ପ୍ଲାଟ୍‌ଫର୍ମ ତିଆର୍ କର୍‌ବାର୍‌କେ ପ୍ରସ୍ତାବ୍ ଦେଇଥିଲେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ସୂଚନା ଆଉ ପ୍ରସାରଣ୍ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ ଆର୍ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ଉପସ୍ଥିତ୍ ଥିଲେ ।

## ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା ଆଏବା ୩୦ ତାରିଖ୍ ଦିନ ମୁଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଲାହାଣ୍ଡି ଠାନେ ଇତାର୍ ଶୁଭାରମ୍ଭ କର୍‌ବେ । କାର୍ଯ୍ୟକ୍ରମ୍‌ଥି ସର୍‌କାର୍ ୫୦ ହଜାର୍ ଲୁକ୍‌କୁ ଯୋଜ୍‌ନାଥି ଜୁଡ଼୍‌ବେ । ସେନ୍ତା ଶହୀଦ୍

ପରିବାର୍, ପଦ୍ମଶ୍ରୀ ପୁରସ୍କାର୍ ପାଇଥିବା ପରିବାର୍, ବନ୍ୟା, ବାତ୍ୟା ପିଡ଼ିତ ଲୁକେ ଭିଲ୍ ଯୋଜ୍ନାଥି ସାମିଲ୍ ହେଇପାର୍‌ବେ । ରାଜ୍ୟ ସର୍‌କାର୍ ୩ ବଛର୍ ଭିତ୍‌ରେ ପାଖାପାଖି ୨ ଲାଖ୍ ୨୫ ହଜାର୍ ନୂଆଁ ପକ୍କା ଘର୍ ବାଂଟ୍‌ବେ । ଇଥିର୍‌ଲାଗି ୭ ହଜାର୍ ୫ ଶହ ୫୦ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ବଲି ଆଏଜ୍ ବିଧାନ୍‌ସଭାନୁ ସୂଚ୍‌ନା ଦିଆଯାଇଛେ ।

ଓଜେଏସ୍-୨୦୨୩ ପରୀକ୍ଷା ଫଳ          ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଓଡ଼ିଶା ଲୋକ୍‌ସେବା ଆୟୋଗ- ଓପିଏସ୍‌ସି ପରିଚାଳିତ୍ ଓଜେଏସ୍-୨୦୨୩ ପରୀକ୍ଷା ଫଲ୍ ଆଏଜ୍ ବାହାରିଛେ । ଇ ପରୀକ୍ଷାଥି ୩୩ ଝନ୍ ପାସ୍ କରିଛନ୍ । ସେଥିର୍‌ଭିତ୍‌ରେ ୨୪ ଝନ୍ ଟୁକେଲ୍ ରହିଛନ୍ । ଇଥି ସୋମେଶ୍ ରଣବିଜୁଳି ଟପ୍ପର୍ ହେଇଛନ୍ ବଲି ଓପିଏସ୍‌ସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସୂର୍ଯ୍ୟବଂଶୀ ସୂରଜ୍-ବିଏଡ଼୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତ ଦୁଇ ଉତ୍‌ରୁ ଛାତ୍ରଛାତ୍ରୀ ଏଥର ବିଏଡ଼୍ ପାଠ୍ ପଢ଼ିପାର୍‌ବେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।

ବିଭାଗ୍‌ର ଗୁଟେ ବୈଠକ୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ଇ ବାବ୍‌ଦେ ୮ ଟା ଶିକ୍ଷକ୍ ତାଲିମ୍ ଅନୁଷ୍ଠାନ୍ ସେମାନ୍‌କର୍ ଆଖର୍‌ପାଖର୍ ମହାବିଦ୍ୟାଳୟମାନ୍‌କର୍ ସାଙ୍ଗେ ରାଜିନାମା ସ୍ୱାକ୍ଷର୍ କରିଛନ୍ । ଇସବୁ ଶିକ୍ଷାନୁଷ୍ଠାନ୍ ମାନ୍‌କେ ୪ ବଛ୍‌ରେ ଆଇଟିଇପି ବଲିକରି ଗୁଟେ ନୂଆଁ ପାଠ୍ୟକ୍ରମ୍ ପଢ଼ାଯିବା । ଛାତ୍ରଛାତ୍ରୀମାନ୍‌କର୍ ସୁବିଧା ଲାଗି ୫ ବଛର୍ ବଦ୍‌ଲା ଇ କୋର୍ସ ୪ ବଛର୍ ରହେବା ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍....

(ଭଏସ୍ ଓଭର୍-ସୂର୍ଯ୍ୟବଂଶୀ ସୂରଜ୍)

ଇତାର୍‌ସହେତେ ଛାତ୍ରୀମାନ୍‌କର୍ ଲାଗି ଶୌଚାଳୟ, ଦିବ୍ୟାଙ୍ଗ ମାନ୍‌କର୍ ଲାଗି ରେମ୍ପ ସହେତେ ଭିନ୍ ଭିନ୍ ବ୍ୟବସ୍ଥା କର୍‌ବାର୍ ଲାଗି ବେସରକାରୀ ଅନୁଦାନ୍ ପାଇଥିବା ଶହେ ୮୯ ଟା କଲେଜ୍ ମାନ୍‌କୁ ଶହେ ୬୮ କୋଟି ଟଙ୍କା ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ପୁରୀ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀ ମନ୍ଦିର୍ ନ ଫଗୁନ୍ ପୁନି ଅବ୍‌ସରେ ଆଏବା କାଏଲ୍ ଶ୍ରୀ ଜୀଉମାନ୍‌କର୍ ସୁନାବେଶ ହେବା । ସଖାଲର ଧୂପନୀତି ଉତ୍‌ରୁ ଭକ୍ତମାନେ ମାହାପୁରୁମାନକର୍ ସୁନାବେଶ ଦର୍ଶନ୍ କରିପାର୍‌ବେ । ଫଗୁନ୍‌ପୁନି ଅବ୍‌ସରେ ପରମ୍ପରା ଅନ୍‌ସାରେ

ଦୋଲଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନ୍‌ଥି ବିଜେ କରିକରି ଦୋଲବେଦୀକେ ଯିବେ । ସେଠାନେ ଭକ୍ତମାନ୍‌କର୍ ସାଙ୍ଗେ ଫଗୁ ଖେଲ୍‌ବେ । ଇତାର୍ ଆଘୋନୁ ଆଏଜ୍ ବେଲ୍‌ବୁଢ଼େ ପରମ୍ପରା ଅନ୍‌ସାରେ ମହାପ୍ରଭୁଙ୍କର୍ ମେଣ୍ଢାପୋଡ଼ି ନୀତି ଆୟୋଜନ୍ କରାଯାଇଛେ ।

ଜଗନ୍ନାଥ୍ ମନ୍ଦିର ପ୍ରତିଷ୍ଠା ଉତ୍ସବ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଭଇଁସା ଗାଁ ନ ୯ ଦିନ୍ ଧରିକରି ଚାଲିଥିବା ଜଗନ୍ନାଥ୍ ମନ୍ଦିର ପ୍ରତିଷ୍ଠା ଉତ୍ସବ୍ ନ ଆଏଜ୍ ସରିଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଚତୁର୍ଦ୍ଧା ମୂର୍ତି ଦର୍ଶନ୍ କରିକରି ଯଜ୍ଞ ନ ପୂର୍ଣ୍ଣାହୁତି ଦେଇଥିଲେ । ଇ ଅବ୍‌ସରେ ୯ ଦିନ୍ ଧରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ହେଇଥିଲା ।

ହୋଲିକା ଦହନ୍ ଉତ୍ସବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଢ଼ିଆଠାନେ ଆଏଜ୍ ରାତି ହୋଲିକା ଦହନ୍ ଉତ୍ସବ୍ ପାଲନ୍ ହେବା । ଆଏଜ୍ ସଖାଲୁ ସହରର୍ ମହିଳାମାନେ ପୁଓ

ମାନ୍‌କର୍ ଦୀର୍ଘାୟୁ କାମ୍‌ନା କରିକରି ପୂଜା କଲା ଉତ୍‌ରୁ ଗୁବର୍ ଛେନାର୍ ମାଲି ଧରିକରି ଉସ୍ତବ୍ ପଡ଼ିଆକେ ଆସିଥିଲେ । ମାଲିକେ ପୂଜାଠାନେ ଅର୍ପଣ୍ କରିଥିଲେ । ରାତିର୍ ୧୧ ବଜେ ପରିବାର୍‌ର ପୁରୁଷ ମାନେ ହୋଲିକା ଦହନ୍ କର୍‌ବେ । ହୋଲିକା ଦହନ୍ ଉତ୍‌ରୁ ୧୫ ତାରିଖ୍ ହୋଲି ଖେଲ୍‌ବେ ।

ନୂଆପଡ଼ା- ମଡ଼ିଆ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଇ ବଛର୍ ମଡ଼ିଆ ଘିନ୍‌ବାର୍ ଲକ୍ଷ୍ୟ ପୂରଣ୍ କରି୍‌କରି ରାଜ୍ୟର୍ ୧ ନମ୍ବର୍ ଜିଲ୍ଲା ହେଇଛେ । ଇ ବଛର୍ ୨୦ ହଜାର୍ କ୍ୱିଂଟାଲ୍ ମଡ଼ିଆ ଘିନ୍‌ବାର୍ ଲାଗି ଜିଲ୍ଲା ଲାଗି ଲକ୍ଷ୍ୟ ଧାରିଜ୍ ହେଇଥିଲା ବେଲ୍‌କେ ଜିଲ୍ଲା ପ୍ରଶାସନ୍ ଇ ଲକ୍ଷ୍ୟ ଶହେ ପ୍ରତିଶତ୍ ପୂରଣ୍ କରିସାରିଛେ । ଏବ୍‌ତକ୍ ଜିଲ୍ଲା ନ ୨ ହଜାର୍ ୬ ଶହ ୩୪ ଝନ୍ ଚାଷୀଙ୍କର୍ ଠାନୁ ୨୦ ହଜାର୍ କ୍ୱିଂଟାଲ୍ ମଡ଼ିଆ ଘିନା ସରିଛେ ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ଠାନେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଫେବୃଆରୀ ମାସେ ଧାରିଜ୍ ଥିବା ଭିନ୍ ଭିନ୍  ରାଜସ୍ୱ ଧାରିଜ୍ ସମିଆ ଭିତ୍‌ରେ ଆଦାୟ କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ଆଏଜ୍‌ଠାନୁ ଦିନର୍ ଆଉ ରାତିର୍ ତାପମାତ୍ରା ସ୍ୱାଭାବିକ୍ ଠାନୁ ୨ ନୁ ୩ ଡିଗ୍ରୀତକ୍ ବଢ଼ିଛେ । ପାଗ୍ ଆଏବା ୧୬ ତାରିଖ୍‌ତକ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କେନ୍ଦୁଝର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଜାରି ରହେବା ଆର୍ ତାପମାତ୍ରା ୪୦ ଡିଗ୍ରୀନୁ ଅଏତ୍‌କା ରହେବା । ଇ ଜିଲ୍ଲାମାନ୍‌କର୍ ଲାଗି ପାଣିପାଗ୍ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛେ । ଆଏଜ୍ ଝାର୍‌ସୁଗୁଡ଼ା ନ ସବୁନୁ ଜହ ତାତି ୪୧ ଦଶ୍‌ମିକ୍ ୪ ଡିଗ୍ରୀ

ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଆଏଜ୍ ରାଜ୍ୟର୍ ୮ଟା ସହରର୍ ତାତି ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।